# ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟର କ୍ଷୟକ୍ଷତି

ଭୁବନେଶ୍ୱର, ୧୫/୦୫/୨୦୧୯

ଭୁବନେଶ୍ୱର ଗଣ୍ଡମୁଣ୍ଡାରେ ୧୨ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ଚଳିତ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି । ସଂଗ୍ରହାଳୟ ପରିସରରେ ଥିବା ଶତାଧିକ ଛୋଟ ଗଛ ନଷ୍ଟ ହେବା ସହ ବଡ଼ବଡ଼ ପୁରୁଣା ଗଛଗୁଡ଼ିକ ଉପୁଡ଼ି ପଡ଼ିଛି । ସଂଗ୍ରହାଳୟ ଭିତର କର୍ମଶାଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତ ବ୍ଲକ୍, ଟିକେଟ୍ କାଉଣ୍ଟର, ପମ୍ପହାଉସ୍ ଆଦି ଭାଙ୍ଗିରୁଜି ଯାଇଥିବାରୁ ତୁରନ୍ତ ମରାମତି ଆବଶ୍ୟକ ହୋଇପଡ଼ିଛି । ଅନେକଗୁଡ଼ିଏ ବିଜୁଳି ଖୁଣ୍ଟ, ଲ୍ୟାମ୍ପ ଲାଇଟ୍, ବାହାରେ ଥିବା ସୌନ୍ଦର୍ଯ୍ୟବର୍ଦ୍ଧକ ଆଲୋକୀକରଣ ବ୍ୟବସ୍ଥା ନଷ୍ଟ ହୋଇଯାଇଛି । ମ୍ୟୁଜିୟମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ସଂଗ୍ରହାଳୟ ପରିସରରେ ଥିବା ହସ୍ତଶିଳ୍ପ କଳାକୃତି ଏବଂ ଜଳଉତ୍ସଗୁଡ଼ିକ ନଷ୍ଟ ହୋଇଥିବାରୁ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ଜରୁରୀ ହୋଇପଡ଼ିଛି । ପ୍ରାୟ ୩୫ଟି କବାଟ ଓ ଝରକା ସଂପୂର୍ଣ୍ଣ ଭାଙ୍ଗିଯାଇଛି । ପ୍ରାଥମିକ ଆକଳନ ଅନୁଯାୟୀ କୋଠାବାଡ଼ି ବାବଦରେ ପ୍ରାୟ ୭୦ ଲକ୍ଷ ଏବଂ ଅନ୍ୟାନ୍ୟ କ୍ଷତି ପ୍ରାୟ ୩୦ ଲକ୍ଷକୁ ମିଶାଇ ସମୁଦାୟ ୧ କୋଟି ଟଙ୍କାର କ୍ଷତି ହୋଇଥିବା ଜଣାଯାଇଛି । ତେବେ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବା ପରେ ଗତ ୧୩ ତାରିଖରୁ ଏହି ସଂଗ୍ରହାଳୟକୁ ଜନସାଧାରଣଙ୍କ ପାଇଁ ଖୋଲାଯାଇଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ